# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 4 September – 2026

*********************************

## ମୁଖ୍ୟ ସମ୍ବାଦ

- ରାଜ୍ୟର ୪୧ ଲକ୍ଷରୁ ଊର୍ଦ୍ଧ୍ୱ କୃଷକ ପରିବାରଙ୍କୁ ୮୩୩ କୋଟି ଟଙ୍କାର ସିଏମ୍ କିଷାନ୍ ସହାୟତା ରାଶି ପ୍ରଦାନ କଲେ ମୁଖ୍ୟମନ୍ତ୍ରୀ ।
- ରାଷ୍ଟ୍ରୀୟ ଶିଶୁ ଅଧିକାର ସଂରକ୍ଷଣ ଆୟୋଗର ସ୍ୱତନ୍ତ୍ର ଅଭିଯାନ ମାଧ୍ୟମରେ ୩ ହଜାର ୮ ଶହରୁ ଊର୍ଦ୍ଧ୍ୱ ଶିଶୁ ଶ୍ରମମୁକ୍ତ ।
- ଶ୍ରଦ୍ଧା ଓ ଭକ୍ତିର ସହ ପୁରୀ ଶ୍ରୀମନ୍ଦିର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ପାଳନ କରାଯାଉଛି ଜନ୍ମାଷ୍ଟମୀ ।

ଏବଂ

- ବାଲେଶ୍ୱର, ଯାଜପୁର ଓ ମୟୂରଭଞ୍ଜ ଜିଲ୍ଲାରେ ସୁଧୁରୁଛି ବନ୍ୟା ପରିସ୍ଥିତି ।

# ସିଏମ୍ କିଷାନ

ରାଜ୍ୟର କୃଷି, କୃଷକଙ୍କ ଆର୍ଥିକ ସୁରକ୍ଷା ଓ ସ୍ୱାବଲମ୍ବନକୁ ସୁଦୃଢ଼ କରିବା ଦିଗରେ 'ସିଏମ୍ କିଷାନ୍' ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱରସ୍ଥିତ ଓୟୁଏଟି କୃଷି ଶିକ୍ଷା ସଦନଠାରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଆଜି ୪୧ ଲକ୍ଷରୁ ଊର୍ଦ୍ଧ୍ୱ କୃଷକ ପରିବାରଙ୍କୁ ୮୩୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ସମେତ ଭୂମିହୀନ କୃଷି ପରିବାରଙ୍କୁ ସହାୟତା ପ୍ରଦାନ କରି କୃଷିକ୍ଷେତ୍ରକୁ ଆହୁରି ସଶକ୍ତ କରାଯାଉଛି। ଚାଷୀଙ୍କ ଆବଶ୍ୟକତା ସମୟରେ ଆର୍ଥିକ ସହାୟତା ଯୋଗାଇବା ସହ ସେମାନଙ୍କ ଆୟ ଓ ଜୀବନ ଜୀବିକାକୁ ସୁଦୃଢ଼ କରିବା ଦିଗରେ ଏହି ଯୋଜନା ନିରନ୍ତର ଭାବେ କାର୍ଯ୍ୟ କରୁଛି। ୨୦୨୫-୨୬ ଆର୍ଥିକ ବର୍ଷର ଖରିଫ ଋତୁରେ ୧୮ ଲକ୍ଷ ୮୪ ହଜାର ଚାଷୀଙ୍କଠାରୁ ୭୭ ଲକ୍ଷ ୪୮ ହଜାର ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରାଯାଇ ୫ ହଜାର ୬ ଶହ ୩୩ କୋଟି ୮୪ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। କୃଷକ ପରିବାରର ଆତ୍ମନିର୍ଭରଶୀଳତା ଏବଂ କୃଷିକ୍ଷେତ୍ରର ସମୃଦ୍ଧି ପାଇଁ ରାଜ୍ୟ ସରକାରଙ୍କ ନିରନ୍ତର ପ୍ରଚେଷ୍ଟା ଜାରି ରହିବ ବୋଲି ଶ୍ରୀ ମାଝୀ କହିଛନ୍ତି।

ଚାଷୀମାନଙ୍କୁ ଫସଲ ବିବିଧୀକରଣ ମାଧ୍ୟମରେ ଧାନଚାଷ ସହ କୁକୁଡ଼ା ପାଳନ, ମତ୍ସ୍ୟଚାଷ, ମହୁଚାଷ, ଟସର ଚାଷ ଭଳି ସାମୂହିକ ଚାଷ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବା ଏବଂ ମହିଳାମାନଙ୍କୁ ଲକ୍ଷପତି କରିବା ପାଇଁ ସମସ୍ତଙ୍କ ପ୍ରଚେଷ୍ଟା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

**- V/O -**

ଜିଲ୍ଲାସ୍ତରରେ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟ ମନ୍ତ୍ରୀମାନେ ସିଏମ୍ କିଷାନ କିସ୍ତି ପ୍ରଦାନ କରିଛନ୍ତି।

Desk

# ଏନ୍‌ସିପିସିଆର

ରାଷ୍ଟ୍ରୀୟ ଶିଶୁ ଅଧିକାର ସଂରକ୍ଷଣ ଆୟୋଗ-ଏନ୍‌ସିପିସିଆର ଏକ ସ୍ୱତନ୍ତ୍ର ଅଭିଯାନ ଜରିଆରେ ଦେଶବ୍ୟାପୀ ୩ ହଜାର ୮୦୦ରୁ ଅଧିକ ଶିଶୁଙ୍କୁ ଶ୍ରମମୁକ୍ତ କରିଛନ୍ତି । ଏହି ଅଭିଯାନ କାଳରେ ୫୭୫ରୁ ଅଧିକ ମାମଲା ଦାଏର କରାଯାଇଛି । କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ଗତ ଜୁନ୍ ୧୨ ତାରିଖରୁ ଅଗଷ୍ଟ ୩୧ ତାରିଖ ପର୍ଯ୍ୟନ୍ତ ଆୟୋଗ ବିଭିନ୍ନ ରାଜ୍ୟ ସରକାର, ପୋଲିସ୍ ଓ ଅନ୍ୟାନ୍ୟ ସଂପର୍କିତ ପ୍ରତିଷ୍ଠାନ ଜରିଆରେ ସ୍ୱତନ୍ତ୍ର ଅଭିଯାନ ଚଳାଇଥିଲା । ଏଥିରେ

ଶିଶୁମାନଙ୍କ ଥଇଥାନ ସମେତ ସେମାନଙ୍କୁ ଶ୍ରମମୁକ୍ତ କରିବା ଲାଗି ସଚେତନତା ଅଭିଯାନ ଆୟୋଜନ କରାଯାଇଥିଲା ।

Cuttack

## ବିଜେପି ରାଜ୍ୟ କାର୍ଯ୍ୟକାରିଣୀ

କଟକସ୍ଥିତ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମଠାରେ ଆସନ୍ତାକାଲିଠାରୁ ବିଜେପି'ର ପରିବର୍ଦ୍ଧିତ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହେବ। ବୈଠକରେ ଦଳର ସାମ୍ପ୍ରତିକ ସ୍ଥିତି, ସାଂଗଠନିକ ଦକ୍ଷତା ଓ ସରକାରୀ ଯୋଜନାର ଫଳପ୍ରଦ ରୂପାୟନ ସମ୍ପର୍କରେ ଆଲୋଚନା ହେବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି। ସେହିଭଳି ବୈଠକରେ ଆସନ୍ତା ପଞ୍ଚାୟତ ନିର୍ବାଚନ ପାଇଁ ଆଲୋଚନା ହେବ। ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ରାଜ୍ୟ ମନ୍ତ୍ରୀମଣ୍ଡଳର ସଦସ୍ୟ, ସମସ୍ତ ସାଂସଦ, ବିଧାୟକ, ରାଜ୍ୟ ପଦାଧିକାରୀ, ଦଳର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ, ରାଜ୍ୟ ପ୍ରଭାରୀଙ୍କ ସମେତ ଅନ୍ୟ ଶୀର୍ଷ ନେତୃତ୍ୱ ଯୋଗଦେବେ ବୋଲି ଜଣାପଡ଼ିଛି।

Kalahandi

## ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସମୀକ୍ଷା

କଳାହାଣ୍ଡି ଜିଲ୍ଲାର ସ୍ୱାସ୍ଥ୍ୟସେବା ଓ ବିଭିନ୍ନ ଜନସ୍ୱାସ୍ଥ୍ୟ କାର୍ଯ୍ୟକ୍ରମକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ସମୀକ୍ଷା କରିଛନ୍ତି। ଜିଲ୍ଲାର ସ୍ୱାସ୍ଥ୍ୟ ଭିତ୍ତିଭୂମି, ମାନବ ସମ୍ବଳ, ମାତୃ ଓ ଶିଶୁ ସୁରକ୍ଷା, ଟିକାକରଣ, ରକ୍ତହୀନତା ଆଦି ବିଭିନ୍ନ ବିଷୟ ଉପରେ ମନ୍ତ୍ରୀ ବିଭାଗୀୟ

ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଜିଲ୍ଲାର ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବା ଦିଗରେ ଗୁରୁତ୍ୱ ଦେବାପାଇଁ ମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

Puri/Bhadrak/Subarnapur

## ଶ୍ରୀକୃଷ୍ଣ ଜନ୍ମୋତ୍ସବ

ଶ୍ରଦ୍ଧା ଓ ଭକ୍ତିର ସହ ଆଜି ପ୍ରଭୁ ଶ୍ରୀକୃଷ୍ଣଙ୍କ ଜନ୍ମୋତ୍ସବ ଜନ୍ମାଷ୍ଟମୀ ପର୍ବ ପାଳନ କରାଯାଉଛି। ଭାଦ୍ରବ ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ଭଗବାନ ଶ୍ରୀକୃଷ୍ଣ ଜନ୍ମ ନେଇଥିଲେ ବୋଲି ପୁରାଣଶାସ୍ତ୍ରରେ ବର୍ଣ୍ଣନା ରହିଛି। ଏହି ଅବସରରେ ପୁରୀ ଶ୍ରୀମନ୍ଦିର ସମେତ କ୍ଷୀରଚୋରା ଗୋପୀନାଥ ମନ୍ଦିର ଏବଂ ଅନ୍ୟ ମନ୍ଦିରଗୁଡ଼ିକରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ହେଉଛି। ନିଜ ଆରାଧ୍ୟଙ୍କ ଦର୍ଶନ ପାଇଁ ବଡ଼ିଭୋରରୁ ମନ୍ଦିରଗୁଡ଼ିକରେ ଶ୍ରଦ୍ଧାଳୁମାନଙ୍କ ସମାଗମ ହୋଇଛି।  ଏ ସମ୍ପର୍କରେ ଶୁଣନ୍ତୁ ଏକ ସ୍ୱତନ୍ତ୍ର ଉପସ୍ଥାପନା ....

**- V/O -**

ଦ୍ୱାପର ଯୁଗରେ ପ୍ରତାପୀ କଂସକୁ ବଧ କରିବା ପାଇଁ ମାନବ ରୂପରେ ଭଗବାନ ବିଷ୍ଣୁ ଶ୍ରୀକୃଷ୍ଣ ଅବତାରରେ ଧରାବତରଣ କରିଥିଲେ। ଦୁଷ୍ଟଶକ୍ତିର ବିନାଶ ଓ ଧର୍ମର ପ୍ରତିଷ୍ଠା ପାଇଁ ଭଗବାନ ଶ୍ରୀକୃଷ୍ଣ ଏହି ଅବତାର ଧାରଣ କରିଥିଲେ।

ପୁରୀ ଶ୍ରୀମନ୍ଦିରରେ ଆଜି ସନ୍ଧ୍ୟା ଧୂପ ଶେଷ ହେବାପରେ କୃଷ୍ଣ ଜନ୍ମନୀତି ଆରମ୍ଭ ହେବ। ଆଜିଠାରୁ ଶ୍ରୀକୃଷ୍ଣଙ୍କ ଜନ୍ମନୀତି ଆରମ୍ଭ ହୋଇ ବଣଭୋଜି, କାଳୀୟଦଳନ ସହ କଂସବଧ ପର୍ଯ୍ୟନ୍ତ ଶ୍ରୀକୃଷ୍ଣଙ୍କ ଲୀଳା ଶ୍ରୀମନ୍ଦିରରେ ଅନୁଷ୍ଠିତ ହେବ। ମହାଜନ ସେବାୟତ, ଦେବକୀ ଓ ବସୁଦେବ ବେଶରେ ଉପସ୍ଥିତ ରହି ନିଶାର୍ଦ୍ଧରେ ପ୍ରଭୁ ଶ୍ରୀକୃଷ୍ଣଙ୍କର ଜନ୍ମନୀତି ସମ୍ପାଦନ କରିବା ସହ ନାଭିକଟା ମଣ୍ଡପରେ ପରମ୍ପରା ଅନୁଯାୟୀ ବିଶେଷ ପୂଜାବିଧି କରିବେ। ଶ୍ରୀକୃଷ୍ଣ ଜନ୍ମନୀତି ପାଇଁ ଆଜି ସନ୍ଧ୍ୟା ୭ଟାରୁ ରାତ୍ର ୧୨ ଘଟିକା ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବା ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। କୃଷ୍ଣ ଜନ୍ମୋତ୍ସବର ମହତ୍ତ୍ୱ ସମ୍ପର୍କରେ ପଣ୍ଡିତ ପଦ୍ମନାଭ ତ୍ରିପାଠୀ ଶର୍ମା କହିଛନ୍ତି .....

# - V/O -

ଭଦ୍ରକ ଜିଲ୍ଲାର ଶ୍ରୀ ଶ୍ରୀ ବାଲଗୋପାଳ ମନ୍ଦିର ସମେତ ଚାରୋଟି ପୌରାଞ୍ଚଳ ଏବଂ ସାତୋଟି ବ୍ଲକର ବିଭିନ୍ନ ମନ୍ଦିରରେ ମହାସମାରୋହରେ ଜନ୍ମାଷ୍ଟମୀ ପାଳିତ ହେଉଛି। ସୁରକ୍ଷାକୁ ଦୃଷ୍ଟିରେ ରଖି ଜିଲ୍ଲାପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି।

ସୁବର୍ଣ୍ଣପୁର ଜିଲ୍ଲାର ପାତାଳୀ ଶ୍ରୀକ୍ଷେତ୍ର ସମେତ ବଡ଼ଖମାରସ୍ଥିତ ଶ୍ୟାମସୁନ୍ଦର କୁଞ୍ଜକୁଟୀର, ବାଘପାଲିର ଚନ୍ଦ୍ରମଣିଦାସ ମଠ, ରାଜଉଆସର

ଶ୍ରୀ ଗୋପାଳଜୀଉ ମନ୍ଦିର ସହ ଜିଲ୍ଲାର ଶତାଧିକ ରାଧାକୃଷ୍ଣ ମନ୍ଦିରରେ ଜନ୍ମାଷ୍ଟମୀ ମଙ୍ଗଳାଚରଣ ଆରମ୍ଭ ହୋଇ ହରିବଂଶ ମହାପୁରାଣ ପାଠ କରାଯାଉଛି ।

ଆକାଶବାଣୀ ସମ୍ବାଦ ବିଭାଗ ପକ୍ଷରୁ ମୁଁ ସ୍ମୃତିରେଖା ତାରେଣିଆ

Desk

## ଶିକ୍ଷକ ଦିବସ

ଦେଶବ୍ୟାପୀ ଆସନ୍ତାକାଲି 'ଶିକ୍ଷକ ଦିବସ' ପାଳନ କରାଯିବ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ଆସନ୍ତାକାଲି ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମୋଟ ୮୨ ଜଣ ଶିକ୍ଷକଙ୍କୁ ଜାତୀୟ ଶିକ୍ଷକ ପୁରସ୍କାର ପ୍ରଦାନ କରିବେ । ଏଥିରେ ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟର ଶିକ୍ଷକ ଏମ୍‌ଡି. ଜାଫର ଆଲମ୍ ଏବଂ ଜଗତସିଂହପୁର ଆଲିପିଙ୍ଗଳ ସରକାରୀ ଉଚ୍ଚବିଦ୍ୟାଳୟର ଶିକ୍ଷକ ପଦରାଜ ଉମାକାନ୍ତ ନାୟକ ସମ୍ମାନିତ ହେବେ ।

ରାଜ୍ୟରେ ଉତ୍ସର୍ଗୀକୃତ ଶିକ୍ଷାଦାନ ପାଇଁ ପ୍ରତ୍ୟେକ ବିଦ୍ୟାଳୟରେ ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯିବ । ଏନେଇ ସମସ୍ତ ଜିଲ୍ଲା ଶିକ୍ଷାଅଧିକାରୀ ଓ ଜିଲ୍ଲା ପ୍ରକଳ୍ପ ସଂଯୋଜକଙ୍କୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ ଏମ୍. ତିରୁମାଲା ନାୟକ ନିର୍ଦ୍ଦେଶ ଦେଇଛନ୍ତି ।

Desk

## ବନ୍ୟା

ରାଜ୍ୟରେ ଲଘୁଚାପ ପ୍ରଭାବରେ ଲଗାଣ ବର୍ଷା ପରେ ବାଲେଶ୍ୱର, ଯାଜପୁର ଏବଂ ମୟୂରଭଞ୍ଜ ଜିଲ୍ଲାର କେତେକ ସ୍ଥାନ ଜଳମଗ୍ନ ହୋଇଛି। ବାଲେଶ୍ୱର ଜିଲ୍ଲାର ୫ଟି ବ୍ଲକର ୨୧୪ଟି ଗ୍ରାମ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି। ଯାଜପୁର ଜିଲ୍ଲାର ୬୨ଟି ଗ୍ରାମ ଏବଂ ମୟୂରଭଞ୍ଜ ଜିଲ୍ଲାର ୯୭ଟି ଗ୍ରାମରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ତେବେ କଟକର ନରାଜଠାରେ ମହାନଦୀ, ରାଉରକେଲାର ପାନପୋଷରେ ବ୍ରାହ୍ମଣୀ, ଭଦ୍ରକ ଆଖୁଆପଦାଠାରେ ବୈତରଣୀ ଓ ଗୁଣ୍ଡୁପୁରରେ ବଂଶଧାରା ନଦୀର ଜଳସ୍ତର ହ୍ରାସ ପାଉଛି। ଏହି କ୍ରମରେ ବନ୍ୟା ପରିସ୍ଥିତିରେ ସୁଧାର ଆସିଥିବା ଜଳସମ୍ପଦ ବିଭାଗ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ବର୍ଷା ହେବାର ସମ୍ଭାବନା ନ ଥିବା ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ବିଭାଗର ସୂଚନା ଅନୁଯାୟୀ ଲଘୁଚାପ ଉତ୍ତର-ପୂର୍ବ ମଧ୍ୟପ୍ରଦେଶ ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସକ୍ରିୟ ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗରେ ଗତି କରିବାର ସମ୍ଭାବନା ରହିଛି।

Desk

# ବନ୍ୟପ୍ରାଣୀ ଦିବସ

ବନ୍ୟପ୍ରାଣୀଙ୍କ ସୁରକ୍ଷା, ବିଲୁପ୍ତ ପ୍ରାଣୀଙ୍କ ସଂରକ୍ଷଣ ଓ ପ୍ରାକୃତିକ ଆବାସସ୍ଥଳୀର ରକ୍ଷଣାବେକ୍ଷଣକୁ ନେଇ ସଚେତନତା ବୃଦ୍ଧି ଉଦ୍ଦେଶ୍ୟରେ ସେପ୍ଟେମ୍ବର ୫ ତାରିଖକୁ ଜାତୀୟ ବନ୍ୟପ୍ରାଣୀ ଦିବସ ଭାବେ ପାଳନ

କରାଯାଉଛି । ବନ୍ୟପ୍ରାଣୀ ହେଉଛନ୍ତି ପୃଥିବୀର ଜୈବବିବିଧତାର ଏକ ଅବିଚ୍ଛେଦ୍ୟ ଅଂଶ । ପରିବେଶର ଖାଦ୍ୟଶୃଙ୍ଖଳା ଓ ପ୍ରାକୃତିକ ସନ୍ତୁଳନ ରକ୍ଷା କରିବାରେ ଏମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏହି ଦିବସ ଅବସରରେ ଜଙ୍ଗଲ କ୍ଷୟ, ଅବୈଧ ଶିକାରରୁ ବନ୍ୟପ୍ରାଣୀଙ୍କ ସୁରକ୍ଷା ସମ୍ପର୍କିତ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଛି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରି କହିଛନ୍ତି, ବନ୍ୟପ୍ରାଣୀ ଆମ ପ୍ରକୃତି ଓ ପରିବେଶର ଅମୂଲ୍ୟ ସମ୍ପଦ । ସେମାନଙ୍କ ପ୍ରାକୃତିକ ଆବାସସ୍ଥଳୀର ସଂରକ୍ଷଣ ଏବଂ ଏକ ସୁସ୍ଥ ଓ ସମୃଦ୍ଧ ପରିବେଶ ଗଠନ ଦିଗରେ ସମସ୍ତେ ଯତ୍ନବାନ ହେବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି ।